# ତହସିଲଦାରଙ୍କ କାର୍ଯ୍ୟାଳୟ ରରୁଆଁ, ଜିଲ୍ଲା-ମୟୂରଭଞ୍ଜ

## ବିଜ୍ଞାପନ ସଂଖ୍ୟା-୨୪୬୩//ତା ୧୧.୧୦.୨୦୨୨

### ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷୀୟ ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ରରୁଆଁ ତହସିଲ ଅନ୍ତର୍ଗତ **୩ ଗୋଟି** ଲଘୁ ଖଣିଜ ଉତ୍ସ ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ OMMC Rule-2016 & OMMC (Amendment) Rule-2022 ଅନୁଯାୟୀ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବାପାଇଁ ତହସିଲଦାର ରରୁଆଁଙ୍କ ଦ୍ଵାରା ଦରଖାସ୍ତ ଆହ୍ଵାନ କରାଯାଉଅଛି । ଇଛୁକ ବ୍ୟକ୍ତି ବିଶେଷ OMMC Rule-2016 ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଡିଆ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି **Registered Post with AD** ଜରିଆରେ ତହସିଲଦାର, ରରୁଆଁ, ଜିଲ୍ଲା ମୟୂରଭଞ୍ଜ ଠିକଣାରେ ଆସନ୍ତା **ତା ୦୪.୧୧.୨୦୨୨** ରିଖ ଅପରାହ୍ନ **ଘ.୫.୩୦** ଟିକା ସୁଦ୍ଧା (ଛୁଟିଦିନ ବ୍ୟତୀତ) ପହଞ୍ଚିବା ପାଇଁ ଧାର୍ଯ୍ୟ କରାଯାଇଅଛି ଏବଂ **ତା ୦୫.୧୧.୨୦୨୨** ରିଖ ପୂର୍ବାହ୍ନ **ଘ. ୧୧.00 ଟିକା** ସମୟରେ ଲିଜ ଦରଖାସ୍ତ କାରି କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିମ୍ନ ସ୍ଵାକ୍ଷରକାରୀ ଏବଂ Scrutiny Teamଙ୍କ ଦ୍ଵାରା ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ପ୍ରଥମ ଧାର୍ଯ୍ୟ ଦିବସରେ ଲିଜ ଚୁଡାନ୍ତ ହୋଇପାରିନଥିବା ଉତ୍ସଗୁଡିକ ପାଇଁ ଦିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ **ତା ୧୬.୧୧.୨୦୨୨** ରିଖ ଏବଂ **ତା ୨୫.୧୧.୨୦୨୨** ରିଖ ଅପରାହ୍ନ **ଘ. ୫.୩୦ ଟିକା** ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯାଇ ପୋରଦିନ ଯଥା **ତା ୧୭.୧୧.୨୦୨୨** ରିଖ ଏବଂ **ତା ୨୮.୧୧.୨୦୨୨** ରିଖ ପୂର୍ବାହ୍ନ **ଘ. ୧୧.୦୦ ଟିକା** ସମୟରେ ଉପର ବର୍ଣ୍ଣିତ ପ୍ରକ୍ରିୟାରେ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ ।

ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି ରରୁଆଁ ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବସାଇଟ www.mayurbhanj.nic.in ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଆବଶ୍ୟକୀୟ ଦସ୍ତାବିଜ ନ ଥିଲେ, କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

**ପ୍ରକାଶ ଥାଉକି କୌଣସି କାରଣ ନ ଦର୍ଶାଇ ଲିଜ ସ୍ଥଗିତ, ପରିବର୍ତ୍ତନ, ତ୍ରୁଟି ସଂଶୋଧନ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ଵାକ୍ଷରକାରୀଙ୍କର ରହିଅଛି ।**

**ଆବେଦନ ପତ୍ର (Form-M ର 3Copies)ସହିତ ଦାଖଲ କରିବାକୁ ଥିବା ଦସ୍ତାବିଜ /କାଗଜପତ୍ର:**

| |
|---|
| ୧. OMMC Rule-2016 & OMMC (Amendment) Rules-2022 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ଵାରା ଦସ୍ତଖତ କରାଯାଇଥିବା ୩ କିତା **Form-M (3 copies )** ଦାଖଲ କରିବେ । |
| ୨. ଦରଖାସ୍ତ ଫି ବାବଦକୁ **ଟ. ୧୦୦୦ ଙ୍କା**(ଏକ ହଜାର ଟଙ୍କା)ଟ୍ରେଜେରୀ ଚାଲାଣ ଯାହା ଫେରସ୍ତ ଯୋଗ୍ୟ ନୁହେଁ ଏବଂ ଏହା ନିମ୍ନ ଲିଖିତ Head of account ରେ ଜମା ହେବା ଉଚିତ । **0853-Non-ferrous mining & metallurgical 102-Mineral concession fees, rent & royalties - 0217-receipts under Odisha Minor Minerals concession fees, rents & royalties (New)- 02021-Collection of fees, Rents and Royalties (New)** |
| ୩. ଦରଖାସ୍ତକାରୀଙ୍କ ନାମରେ **Mines & Minerals(Development & Regulation Act 1957 & OMMC Rule-2016** ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ ଦାଖଲ କରିବେ । |
| ୪. ଆବେଦନକାରୀ ପ୍ରାଧିକୃତ ରାଜସ୍ଵ ଅଧିକାରୀଙ୍କ ଠାରୁ ତାଙ୍କର **ସ୍ଥାବର ସମ୍ପତ୍ତିର** (Immovable Property) ବିବରଣୀ ଦାଖଲ କରିବେ । |
| ୫. ଦରଖାସ୍ତକାରୀ ୧୮ ମାସର ଅବଧି ଥାଇ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee)/ଗତ ଆର୍ଥିକ ବର୍ଷର ବାର୍ଷିକ ଆୟକର ଦାଖଲ (Income Tax Return filing) ର ପ୍ରମାଣ ଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ସଇରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତଳନ ପରିମାଣ (Minimum Guaranteed Quantity fixed by the authority) X (Royalty + Additional Charges Offered by the applicant) ହେବା ଆବଶ୍ୟକ । **ଉଦାହରଣ- BANK GUARANTEE/Income Tax return of last financial year =(Minimum Guaranteed Quantity for that quarry as specified in Mining Plan or E.C.) X (Additional Charge offered by the applicant + Royalty)** |

| |
|---|
| ୬. ଦରଖାସ୍ତ କରିଥିବା ସୈରାତ ଉତ୍ସ ବାବଦକୁ ଅମାନତ ରାଶି (**EMD-Earnest Money Deposit**) ଯାହାର ପରିମାଣ ( MGQ X Royalty + (Additional Charge as per Notice) **ର ଶତକଡା ୫%** ରହିବ । ଏହି ଅର୍ଥକୁ ତହସିଲଦାର ରରୁଆଁଙ୍କ ଉଦ୍ଦେଶ୍ୟରେ **Demand draft** (Payable at Bank of India, Raruan Branch) ଆକାରରେ ଦରଖାସ୍ତ ସହିତ ଦାଖଲ କରିବେ ।<br>**EMD=5% of {(MGQ) X (Additional Charge as per notification + Royalty)}** |
| **୭. ଦରଖାସ୍ତକାରୀ GST Clearance Certificate ର ନକଲ ଦାଖଲ କରିବେ ।** |
| **୮. ଦରଖାସ୍ତକାରୀ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self-Declaration) ଦାଖଲ କରିବେ ।** |
| **୯. ଦରଖାସ୍ତକାରୀ ସୈରାତ ଉତ୍ସର Mining Plan, E.C. preparation & Sairat Advertisement Cost+ Sand Replenishment Study, CTO + Registration and Stamp Duty ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।** |
| **୧୦. ଦରଖାସ୍ତକାରୀ ବନ୍ଦ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ । ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।** |

**# ଉପରୋକ୍ତ ଦସ୍ତାବିଜରୁ କୌଣସି ଗୋଟିଏ କାଗଜାତ ନ ଥିଲେ ଆବେଦନକାରୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।**

## ସର୍ତ୍ତାବଳୀ :

***୧.ଲିଜଧାରୀ ଚୁକ୍ତିନାମା କରିବା ପୂର୍ବରୁ ନିଜ ଦାଇତ୍ୱରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ G.P. recommendation report ଅଫିସରେ ଦାଖଲ କରିବେ ।***

***ଲିଜରେ ଚୁଡାନ୍ତ ହୋଇଥିବା ସୋଲଘର। ବାଲିଘାଟର ଲିଜଧାରୀ ନିଜ ଖର୍ଚ୍ଚରେ ଖତିଆନ ନଂ ୬୮ ର ପଟ୍ଟା ଦାରି*** **ପାତର କୋଲ୍ହ ଓ ଆଗେରଙ୍କ** ***ସହିତ ପ୍ଲଟ ନଂ ୩୯୮ ଦେଇ ଘାଟକୁ ଯାଉଥିବା ରାସ୍ତା ପାଇଁ ଚୁକ୍ତିନାମା କରିବା ପରେ ଲିଜ ଚୁକ୍ତିନାମା କରିବେ ।***

**୨ . ଆବେଦନକାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ OMMC Rule-2016, ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୭,୨୦୨୨ ଓ Manual of Tahasil Account ର ପରିସର ଭୁକ୍ତ ରହିବେ । ଏତଦବ୍ୟତୀତ ଯଦି ସରକାରଙ୍କ ଦ୍ୱାରା ଆଇନ ରେ କିଛି ପରିବର୍ତନ କରାଯାଏ, ତେବେ ତାହା ପାଳନ କରିବେ।**

**୩. ଲିଜ ଆବେଦନ କରିବା ପୂର୍ବରୁ ଆବେଦନକାରୀ ଲଘୁ ଖଣିଜ ଖାଦାନ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗ ନେବେ । ପରବର୍ତ୍ତୀ ସମୟରେ ସୈରାତ ଚଳାଇବା ବାବଦରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।**

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାଇ ରହିବେ ନହିଁ ।

୫. ଆବେଦନକାରୀ ଦରଖାସ୍ତରେ **Additional Charge** ସ୍ପଷ୍ଟ ଭାବରେ ଲେଖିବେ ଯାହା ସର୍ବନିମ୍ନ ଧାର୍ଯ୍ୟ **Additional Charge** ଠାରୁ କମ ହୋଇନଥିବ । ସର୍ବନିମ୍ନ Additional Charge ଠାରୁ କମ ଦର୍ଶାଯାଇଥିବା କିମ୍ବା ଆବଶ୍ୟକୀୟ କାଗଜାତ ସଂଲଗ୍ନ ନଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

**ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ତଥା ସର୍ବାଧିକ Additional Charge ଦର୍ଶାଇଥିବା ଆବେଦନ କାରୀଙ୍କୁ ଲିଜ ପ୍ରଦାନ କରାଯିବ । ଯଦି ଏକାଧିକ ଆବେଦନକାରୀଙ୍କ ଦ୍ୱାରା ଦର୍ଶଯାଇଥିବା ଏହି ମୂଲ୍ୟ ସମାନ ଥାଏ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।**

୬. ଯୋଗ୍ୟ ଆବେଦନକାରୀଙ୍କୁ ମନୋନୟନର ୭ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମ **" F "** ରେ ସୂଚିତ କରାଯିବ ଏବଂ ସୂଚନା ପାଇବାର ୧୫ ଦିନ ମଧ୍ୟରେ ସେ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ ରେ ଥିବା ସର୍ତ୍ତାବଳୀ ଗ୍ରହଣ ପୂର୍ବକ ସମ୍ମତି ପ୍ରଦାନ କରିବେ ଏବଂ ଧାର୍ଯ୍ୟ ହୋଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତଳନ ପରିମାଣ **ଉପରେ ((MGQ X (Royalty+ Additional Charges offered by applicant)) ର ଏକଚତୁର୍ଥାଂଶ + District Mineral Foundation ରୁ Earnest Money ବାଦ ଦେଇ** ବଳକା ଅର୍ଥ **Demand Draft** ଆକାରରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଜମା କରିବେ । ଏହି ଅର୍ଥ ଓ ପୂର୍ବରୁ ଦିଆଯାଇଥିବା **EMD** ଏକତ୍ର କରି ସୁଧ ମୁକ୍ତ ଭାବରେ ପାଞ୍ଚ ବର୍ଷ ପାଇଁ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମଧାରୀଙ୍କ Earnest Money କୁ ବାଜ୍ୟାପ୍ତ କରାଯିବ । ନିଲାମ ଧାରୀଙ୍କ ଶୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରାଯିବ ।

ଧାରୀଙ୍କ ଶୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରାଯିବ ।

**ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦକରାଯାଇ Controlling Authorityଙ୍କ ଅନୁମତିକ୍ରମେ ନୂତନରୂପେ ନିଲାମ କରାଯିବ ।**

୭. ଲିଜ ଦେବାକୁଥିବା ସୈରାତ ଉତ୍ସଗୁଡିକର **Mining Plan** ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୋଇଅଛି । ହସ୍ତଗତ ହୋଇଥିବା **Mining Plan ଏବଂ ହସ୍ତଗତ ହେବାକୁଥିବା ପରିବେଶ ମଞ୍ଜୁରୀ ଓ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ସମ୍ମତି ଖର୍ଚ୍ଚ** ବାବଦକୁ ଆବଶ୍ୟକୀୟ ଦେୟ ଲିଜଧାରୀ ଚୁକ୍ତିନାମା ପୂର୍ବରୁ ଦାଖଲ କରିବେ ।

୮. ଇସ୍ତାହାରରେ ଦର୍ଶାଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣରେ ପରିବର୍ତ୍ତନ ହେଲେ ସେହି ଅନୁସାରେ ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେବ ଏବଂ ଲିଜଧାରୀ ବକେୟା ଅର୍ଥ ପଇଠ କରିବେ ।

୯. ଲିଜଧାରୀ Royalty, Additional Charge, ସହିତ ନିର୍ଦ୍ଧାରିତ Surface Rent, Dead Rent, Fees for Royalty ଏବଂ Additional Charge ର ୧୦ ପ୍ରତିଶତ District Mineral Foundation Fees, ୫ ପ୍ରତିଶତ Environmental Management Fund ଏବଂ ୨ ପ୍ରତିଶତ( ଯଦି Pan Card ଥାଏ )କିମ୍ବା ୨୦ ପ୍ରତିଶତ ( ଯଦି Pan Card ନ ଥାଏ ) ଆୟକର ବାବଦକୁ ଦାଖଲ କରିବେ ।

**୧୦. ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କଲେ ଲିଜଧାରୀ Royalty, Additional Charge ଏବଂ District Mineral Foundation Fees କୁ ଆନୁପାତିକ ହାରରେ ଜମା କରିବେ ।**

୧୧. ଲିଜଧାରୀ ସୈରାତ ଉତ୍ସରୁ ଲଘୁଖଣିଜ ପଦାର୍ଥ ଉତ୍ତୋଳନ ପୂର୍ବରୁ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ସମ୍ମତି ନିଜ ଖର୍ଚ୍ଚରେ ଆଣିବା ହେବେ ।

୧୨. ପରିବେଶ ମଞ୍ଜୁରୀ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ସମ୍ମତି ମିଳିବା ପରେ ଲିଜଧାରୀ Registration Act.1908 ଏବଂ Stamp Act.1899 ଅନୁଯାଇ ନିଜ ଖର୍ଚ୍ଚରେ ଚୁକ୍ତିନାମା ସମ୍ପାଦନ କରିବେ ।

୧୩. ଲିଜଧାରୀ ନିଜ ଖର୍ଚ୍ଚରେ ସୈରାତ ଉତ୍ସଥିବା ପ୍ଲଟର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ **Display Board** ତିଆରି କରି ସେଥିରେ ସୈରାତ ଉତ୍ସର ନାମ, ନକ୍ସା, ଲିଜ ଅବଧି, ଲିଜଧାରୀଙ୍କ ନାମ ଏବଂ ଅନ୍ୟାନ୍ୟ ତଥ୍ୟ ଉଲ୍ଲେଖ କରିବେ ।

**୧୪. ଉପରକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ କରିବା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ନାହିଁ ।**

୧୫. ସରକାରଙ୍କ ଦ୍ୱାରା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ତାହା ଲିଜଧାରୀ ପାଳନ କରିବାକୁ ବାଧ୍ୟ ରହିବେ ।

୧୬. ଲିଜଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୭. **Vehicle to be used as approved in the Mining Plan.**

**୧୮. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।**

୧୯. ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି ।

# ଗୁରୁତ୍ୱପୂର୍ଣ୍ଣ ତାରିଖ

୧. ପ୍ରଥମ ଥରପାଇଁ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ-୦୪.୧୧.୨୦୨୨ ରିଖ ଅପରାହ୍ଣ ଘ.୫:୩୦ ଟିକା
୨. ପ୍ରଥମ ଥରପାଇଁ ଟେଣ୍ଡର ବାକ୍ସ ଖୋଲିବାର ତାରିଖ- ୦୫.୧୧.୨୦୨୨ ରିଖ ସମୟ ଘ.୧୧.୦୦ ଟିକା।
3. କୌଣସି କାରଣ ବଶତଃ ତା ୦୫.୧୧.୨୦୨୨ ରିଖରେ ଟେଣ୍ଡରବାକ୍ସ ଖୋଲା ନ ହୋଇପାରିଲେ ତା ୦୭.୧୧.୨୦୨୨ ରିଖ ସମୟ ଘ.୧୧.୦୦ ଟିକା। ରେ ଖୋଲା ହେବ ।
୩. ଦ୍ୱିତୀୟ ଥରପାଇଁ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ-୧୭.୧୧.୨୦୨୨ ରିଖ ଅପରାହ୍ଣ ଘ.୫:୩୦ ଟିକା
୪.ତୃତୀୟ ଥରପାଇଁ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ-୨୫.୧୧.୨୦୨୨ ରିଖ ଅପରାହ୍ଣ ଘ.୫:୩୦ ଟିକା

ଠିକଣା: ତହସିଲଦାରଙ୍କ କାର୍ଯ୍ୟାଳୟ, ରରୁଆଁ,
ସା/ପୋ. ଅ./ଥାନା- ରରୁଆଁ
ମୟୂରଭଞ୍ଜ ପିନ ନଂ -୭୫୭୦୩୫,

## ଲିଜପାଇଁ ଉଦ୍ଧିଷ୍ଟ ସୈରାତ ଉତ୍ସର ବିସ୍ତାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା

| କ୍ର. ସଂ | ସୈରାତ ଉତ୍ସର ନାମ ଓ କେଶ ନଂ | ମୌଜା ର ନାମ | ହାଲ ଖାତା ନଂ | ହାଲ ପ୍ଲଟ ନଂ | ରକବା (ଏକରରେ) | କିସମ | ଧାର୍ଯ୍ୟ ସରକାରୀ ମୂଲ୍ୟ (Royalty) | ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତଳନ ପରିମାଣ ( MGQ in cum) | EMD Amount |
|---|---|---|---|---|---|---|---|---|---|---|
| 1 | Narasandha-Dhanyatri Sand Bed | Narasandha & Dhanyatri | 276 | 1/1, 1/2002/1 | 12.35 | Nadi | 35/- | **417/-** | **9600** | **216960/-** |
| | | | 129 | 1025/1 | | | | | | |
| 2 | Nuagan Sand Bed | Nuagan | 224 | 1860/1 | 12.35 | Nadi | 35/- | **417/-** | **6700** | **151420/-** |
| 3 | Solghara Sand Bed | Solghara | 130 | 1/1<br>1/1164 | 12.35 | Nadi | 35/- | **417/-** | **11430** | **258318/-** |

11/10/22
ତହସିଲଦାର, ରରୁଆଁ
TAHASILDAR
RARUAN

**ପରିପତ୍ର ସଂଖ୍ୟା. ୨୪୬୪//ତା ୧୧.୧୦.୨୦୨୨**

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ /ଉପଜିଲ୍ଲାପାଳ , ପାଞ୍ଚପିଢ଼, କରଞ୍ଜିଆ/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରରୁଆଁ/ରରୁଆଁ ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ/ରରୁଆଁ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲା Website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

11/10/22
ତହସିଲଦାର, ରରୁଆଁ
TAHASILDAR
RARUAN

**ପରିପତ୍ର ସଂଖ୍ୟା ୨୪୬୫//ତା ୧୧.୧୦.୨୦୨୨**

ଏହାର ଏକକିତା ନକଲ ତହସିଲଦାର, ରରୁଆଁଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଦିଆଗଲା ।

11/10/22
ତହସିଲଦାର, ରରୁଆଁ
TAHASILDAR
RARUAN